ଆଜି ଢେଙ୍କାନାଳ ଜିଲ୍ଲା ସୁଲକ୍ଷଣାଦେବୀ ସରକାରୀ ବାଳିକା ବିଦ୍ୟାଳୟରେ ଏକ ସ୍ମାର୍ଟ କ୍ଲାସ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ମାର୍ଟ କ୍ଲାସକୁ ଉଦଘାଟନ କରିଥିଲେ । ଏହି ସ୍ମାର୍ଟ କ୍ଲାସରେ ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ବିଷୟ ଉପରେ ପ୍ରସ୍ତୁତ ପାଠ୍ୟକ୍ରମକୁ ସହଜରେ ଶିକ୍ଷାଲାଭ କରିପାରିବେ । ବିଶେଷକରି ପିଲାମାନଙ୍କର ଶିକ୍ଷାକୁ ସହଜ, ସରଳ ଓ ବୋଧଗମ୍ୟ ସହ ଆମୋଦଦାୟକ କରିବା ଉଦ୍ଦେଶ୍ୟରେ ଏହି ସ୍ମାର୍ଟ କ୍ଲାସ ସହାୟକ ହେବ ବୋଲି ଜିଲ୍ଲାପାଳ ଶ୍ରୀ ବେହେରା କହିଥିଲେ । ଢେଙ୍କାନାଳ ଜିଲ୍ଲା ଶିକ୍ଷାଧିକାରୀ ତଥା ପ୍ରକଳ୍ପ ସଂଯୋଜକଙ୍କ ନେତୃତ୍ୱରେ ସଦର ଶିକ୍ଷାଅଧିକାରୀ ନିତ୍ୟାନନ୍ଦ ବାରିକ, କାମାକ୍ଷାନଗର ଶିକ୍ଷାଅଧିକାରୀ ଅଜୟ ପାତ୍ର ପ୍ରମୁଖ ବିହାର ରାଜ୍ୟର ବାଙ୍କା ସହରର ସ୍ମାର୍ଟ କ୍ଲାସ ପରିଦର୍ଶନରେ ଯାଇ ଶିକ୍ଷା ଉପରେ ଏହାର ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପରେ ସେମାନଙ୍କ ପ୍ରଚେଷ୍ଟାରେ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସୁଲକ୍ଷଣାଦେବୀ ସରକାରୀ ବିଦ୍ୟାଳୟରେ ପ୍ରଥମେ ଏକ ସ୍ମାର୍ଟ କ୍ଲାସର ଉଦଘାଟନ କରାଯାଇଛି । ଏହାସହିତ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୫ଟି ବିଦ୍ୟାଳୟରେ ସ୍ମାର୍ଟକ୍ଲାସ ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ଓଡ଼ିଶାରେ ପ୍ରଥମ ଓ ନୂତନ କାର୍ଯ୍ୟକ୍ରମ ବୋଲି ଜଣାପଡିଛି । ଉଦଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷାଅଧିକାରୀ ସଭାପତିତ୍ୱ କରିଥିଲେ । ସେହିପରି କାମାକ୍ଷାନଗର ବିଇଓ ସ୍ମାର୍ଟ କ୍ଲାସର ପ୍ରକୃତ ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ଶ୍ରୀ ବେହେରା ଆଲୋଚନା ପ୍ରସଙ୍ଗରେ ଜିଲ୍ଲାର ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ଏହି ସ୍ମାର୍ଟ କ୍ଲାସ ପରିଚାଳିତ ହେବ ବୋଲି କହିଥିଲେ । ସେହିପରି ପରବର୍ତ୍ତି ପର୍ଯ୍ୟାୟରେ ଜିଲ୍ଲାର ୮ଟି ବ୍ଲକର ୨୦ଟି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ ଧନ୍ୟବାଦ ଦେବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମରେ ୮ଟି ବ୍ଲକର ଶିକ୍ଷାଅଧିକାରୀଙ୍କ ସମେତ ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକମାନେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇକୋଭେନସନର ଅପରେଶନ ମ୍ୟାନେଜର ପ୍ରଭୁ ଆଶିଷ ମହାପାତ୍ର କାର୍ଯ୍ୟକ୍ରମରେ ବୈଷୟିକ ସହାୟତା କରିଥିଲେ ।